## କୋଇଲା ଟ୍ରାକ୍ଟର ଜବତ: ଚାଳକ ଗିରଫ

ଭଣ୍ଡାରିପୋଖରୀ, (ଡି.ଏନ.ଏ)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଚୋରା କୋଇଲା କାରବାର ବୃଦ୍ଧି ପାଇବାରେ ଲାଗିଛି। ଆଖୁଆପଦାଠାରୁ ଛତାବର ଛକ ପର୍ଯ୍ୟନ୍ତ ରାଜପଥ ପାର୍ଶ୍ୱର ବିଭିନ୍ନ ସ୍ଥାନରେ ବେଆଇନ ଭାବେ କୋଇଲା ଡିପୋ କରି ବିକ୍ରି କରାଯାଉଛି। ଷଠିପୁର ପଟୁ ଏକ କୋଇଲା ବୋଝେଇ ଟ୍ରାକ୍ଟର ଭଣ୍ଡାରିପୋଖରୀ ଆଡ଼କୁ ଆସୁଥିବାବେଳେ ପୋଲିସ ଜବତ କରିଛି। ଏଥିସହ ଚାଳକ ଯାଜପୁର ଅଞ୍ଚଳର ଦାମୋଦର ସାହୁଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

**ସଂକ୍ଷେପରେ**

## ଯୌତୁକ ନିର୍ଯାତନା: ସ୍ୱାମୀ ଗିରଫ

**ଢେଙ୍କିକୋଟ, ୫।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସନ୍ତାରପୁର ଅଞ୍ଚଳର କୌଶଲ୍ୟା ମହାନ୍ତଙ୍କୁ ଗୁଜୁରାଟ ରାଜ୍ୟର ଭାନାଭଡ ଗ୍ରାମର ହରେଶ ଭାଇ ରାଠୋର ବିବାହ କରିଥିଲେ। ବିବାହର ୪ ବର୍ଷ ପରେ ହରେଶ ନିଜ ସ୍ତ୍ରୀ କୌଶଲ୍ୟାଙ୍କୁ ବାପଘରୁ ଲକ୍ଷାଧିକ ଟଙ୍କା ଆଣିଦେବା ପାଇଁ ଦାବି କରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ ବୋଲି ତାଙ୍କ ସ୍ତ୍ରୀ ଢେଙ୍କିକୋଟ ଥାନାରେ ସୋମବାର ଅଭିଯୋଗ କରିଥିଲେ। ଏନେଇ ଘଟଗାଁ ପୋଲିସ ଏକ ଯୌତୁକଜନିତ ମାମଲା (ନଂ.୨/୨୧) ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରି ତଦନ୍ତ ଜାରି ରଖିଛି।

## ବାରିପଦା ମଣ୍ଡଳ କାରାଗାର ଅନ୍ତେବାସିନୀଙ୍କ ମୃତ୍ୟୁ

**ବାରିପଦା ଅଫିସ,୫।୧:** ମୟୂରଭଞ୍ଜ ଜିଲା ବାରିପଦା ମଣ୍ଡଳ କାରାଗାରର ଜଣେ ଅନ୍ତେବାସିନୀଙ୍କ ମଙ୍ଗଳବାର ପିଆର୍‌ଏମ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ମୃତକ ହେଲେ ଟାଉନଥାନା ଅଧୀନ ବାବୁସାହିର ବାଦଲ ରାୟଙ୍କ ସ୍ତ୍ରୀ ଗୀତା(୫୨) । ସେ ବଧୂହତ୍ୟା ମାମଲାରେ ଅଭିଯୁକ୍ତ ଥାଇ ଟାଉନ ପୋଲିସ ଦ୍ୱାରା ଗିରଫ ହେବା ପରେ ବିଚାର ବିଭାଗୀୟ ହାଜତରେ ଥିଲେ । ତେବେ ଅସୁସ୍ଥତା ପାଇଁ ତାଙ୍କୁ ସ୍ଥାନୀୟ ପିଆର୍‌ଏମ୍ ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଟାଉନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ମୃତ ମହିଳାଙ୍କ ସ୍ୱାମୀ ବାଦଲ ମଧ ଜେଲରେ ଥିବାରୁ ସ୍ତ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ ପାଇଁ ଜାମିନ ଆବେଦନ କରିଛନ୍ତି ।

## ଯୋଗାଣ ବିଭାଗ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା

**ଭଦ୍ରକ ଅଫିସ, ୫।୧:** ଭଦ୍ରକ ବ୍ଲକ ବ୍ରହ୍ମପୁର ସେବା ସମବାୟ ସମିତିରେ ଧାନ ବିକ୍ରି କରିବାରୁ ବଞ୍ଚିତ ହେବାରୁ ଯୋଗାଣ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଚାଷୀ ଧାରଣା ଦେଇଥିଲେ। ଏହି ସେବା ସମବାୟ ସମିତିକୁ ଧାନକିଣାରୁ ବାଦ୍ ଦିଆଯାଇଥିବାରୁ ମଙ୍ଗଳବାର ଜିଲା ଯୋଗାଣ କାର୍ଯ୍ୟାଳୟ ଆଗରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ। ଚାଷୀମାନେ ପୂର୍ବରୁ ଏହି ସେବା ସମବାୟ ସମିତିରେ ଧାନବିକ୍ରି କରିଆସୁଥିଲେ। କିନ୍ତୁ ଚଳିତ ବର୍ଷ ଉକ୍ତ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନକିଣିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଯାହାକି ବ୍ରହ୍ମପୁର ଅଞ୍ଚଳର କିଛି ଚାଷୀ ଏହାକୁ ବିରୋଧ କରିଛନ୍ତି। ପୂର୍ବ ବର୍ଷ ପରି ଚଳିତ ବର୍ଷ ବ୍ରହ୍ମପୁର ସେବା ସମବାୟ ସମିତିକୁ ଧାନ କିଣିବା ପାଇଁ ପ୍ରଶାସନ ନିଷ୍ପତ୍ତି ଗ୍ରହଣ କରୁ ନ ହେଲେ ଚାଷୀମାନେ ହଇରାଣର ସମ୍ମୁଖୀନ ହେବେ ବୋଲି ଧାରଣାରତ ଚାଷୀମାନେ କହିଛନ୍ତି। ପୂର୍ବରୁ ଏହି ସମସ୍ୟା ନେଇ ବ୍ରହ୍ମପୁର ସେବା ସମବାୟ ସମିତି ଆଗରେ ଧାରଣା ଦେବା ସହ ଚାଷୀମାନେ ରାସ୍ତା ଅବରୋଧ କରିଥିଲେ। ରିପୋର୍ଟ ଲେଖା ସୁଦ୍ଧା କୌଣସି ସମାଧାନ ହୋଇ ନ ଥିବା ଜଣାପଡ଼ିଛି।

## ସ୍ୱାସ୍ଥ୍ୟ ସେବାକୁ କ୍ରିୟାଶୀଳ ପାଇଁ ଗୁରୁତ୍ୱ

**କେନ୍ଦୁଝର, ୫।୧(ଡି.ଏନ୍.ଏ.):** କେନ୍ଦୁଝର ଜିଲା ସ୍ୱାସ୍ଥ୍ୟ ସମିତିର ପରିଚାଳକ ସମିତି (ଗଭର୍ଣ୍ଣିଂବଡି) ବୈଠକ ଚଳିତ ଜାନୁୟାରୀ ୫ ତାରିଖ ମଙ୍ଗଳବାର ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥ ଡିଟିୟୁ ହଲଠାରେ ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକ୍‌ରେ ଉକ୍ତ ବୈଠକରେ ଜିଲାରେ ସ୍ୱାସ୍ଥ୍ୟ ସେବାକୁ କିପରି ଅଧିକ କ୍ରୀୟାଶୀଳ ଓ ଫଳପ୍ରଦ କରାଯାଉଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଡିଏମ୍‌ଏଫ୍ ଏବଂ ଓମ୍‌ବିଏଡିସି ଅର୍ଥରେ ହାତକୁ ନିଆଯାଉଥିବା ପ୍ରକଳ୍ପ/କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଅଗମ୍ୟ ଅଞ୍ଚଳରେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚଳିତ ଆର୍ଥିକ ବର୍ଷର ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଅଶୋକ କୁମାର ଦାଶ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଦିଲ୍ଲୀପ କୁମାର ଦୁବେ, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ,ଏଡିଏମ୍‌ଓ ଡ଼ଃ ପ୍ରଣତିନୀ ନାୟକଙ୍କ ସମେତ ଜିଲା ସ୍ୱାସ୍ଥ୍ୟ ସମିତିର ପରିଚାଳନା ସଦସ୍ୟା/ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କର୍ମଚାରୀ ଅଭାବରୁ ଖଣି ପରିବହନରେ ଅନିୟମିତତା

**ଯୋଡ଼ା, ୫।୧(ଡି.ଏନ୍.ଏ.)**

### ଆଇଥ୍ରିଏମ୍‌ଏସ୍ ବ୍ୟବସ୍ଥାକୁ ଫୁ

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳର ଜରିବାହାଲ ନିକଟରେ ଥିବା ଏକ ଘରୋଇ ରେଳ ସାଇଡିଂରେ ଖଣିଜ ପରିବହନରେ ଅନିୟମିତତା ହୋଇଥିବା ସୂତ୍ରରୁ ଖବର ମିଳିଛି। କୋଇଡ଼ା ଖଣି ମଣ୍ଡଳର ଏକ ଖଣିରୁ ଲୁହାପଥର ବୋଝେଇ ହୋଇ ଉକ୍ତ ଘରୋଇ ରେଳସାଇଡିଂକୁ ପରିବହନ ହେଉଛି। ସାଧାରଣତଃ ନିୟମ ଅନୁଯାୟୀ ଖଣିରୁ ଖଣିଜ ପରିବହନ ବେଳେ ଖଣିଜ ଚୋରା କାରବାରକୁ ନିୟନ୍ତ୍ରଣ କରିବାପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଇଣ୍ଟିଗ୍ରେଟେଡ୍ ମାଇନ୍ସ ମିନେରାଲ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଥ୍ରିଏମ୍‌ଏସ୍)ର ପ୍ରଚଳନ କରାଯାଇଛି। ଏହି ସିଷ୍ଟମ ଦ୍ୱାରା ଖଣିରୁ କେତେ ଖଣିଜ ବାହାରକୁ ଗଲା ଏବଂ ପରିବହନରେ ବ୍ୟବହୃତ ଟ୍ରକ୍‌ରେ କେତେ ଖଣିଜ ବୋଝେଇ ହେଲା ଏବଂ ଗନ୍ତବ୍ୟ ସ୍ଥଳର ରାସ୍ତା ପ୍ରଭୃତି ସମସ୍ତ ଯାବତୀୟ ସୂଚନା ଖଣିବିଭାଗ ଅନ୍‌ଲାଇନ ମାଧ୍ୟମରେ ଜାଣି ପାରୁଥିଲା। ତେବେ ଗତ ସୋମବାର କୋଇଡ଼ା ଖଣିମଣ୍ଡଳର ଏକ ଖଣିରୁ ଖଣିଜ ପରିବହନ ବେଳେ ନିର୍ଦ୍ଧାରିତ ରୁଟ୍ ବା ରାସ୍ତାରେ ଖଣିଜ ପରିବହନ ନ ହୋଇ ଏକ ଘରୋଇ ଲିଜ୍ ଅଞ୍ଚଳ ଦେଇ ଖଣିଜ ପରିବହନ ହେଉଥିଲା ଏବଂ ରେଳ ସାଇଡିଂରେ ମାଲ ଖଲାସ କରିବା ପୂର୍ବରୁ ଖଣି ବିଭାଗର ନିୟମ ଅନୁଯାୟୀ ଚେକ୍ ଗେଟ୍‌ରେ ବୋଝେଇ ହୋଇଥିବା ଟ୍ରକ ଗୁଡିକ ପ୍ରବେଶ ରେକର୍ଡରେ ଏଣ୍ଟ୍ରି କଲାପରେ ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି। ଏହା ଦ୍ୱାରା ଖଣିରୁ କେତେ ଖଣିଜ ଆସିଲା ଏବଂ କେତେ ଖଣିଜ ରେଳ ସାଇଡିଂରେ ଖଲାସ ହେଲା ଏହା ଜଣାପଡିଥାଏ। ମାତ୍ର ସୋମବାର ହୋଇଥିବା ଖଣିଜ ପରିବହନ ବେଳେ କୌଣସି ଚେକ୍ ଗେଟ୍‌ରେ ଖଣିଜ ବୋଝେଇ ଟ୍ରକ ଗୁଡିକ ଏଣ୍ଟ୍ରି ନ କରି ଏକ ଘରୋଇ ଲିଜ୍ ଅଞ୍ଚଳ ଦେଇ ପରିବହନ ହୋଇଥିଲା । ଖଣିରୁ କେତେ ଖଣିଜ ଆସିଥିଲା ଏବଂ କେତେ ଖଣିଜ ଖଲାସ ହେଲା ଏହାର କୌଣସି ହିସାବ ନ ଥିବା ଜଣାପଡିଛି । ଏ ସମ୍ପର୍କରେ ଯୋଡା ଯୁଗ୍ମ ଖଣି ନିର୍ଦ୍ଦେଶକ ସଲିଲ କୁମାର ବେହେରାଙ୍କୁ ଜଣାଇବା ପରେ ସେ ଯୁଗ୍ମ ନିର୍ଦ୍ଦେଶାଳୟର ଜଣେ ଖଣି ଅଧିକାରୀ ଓ ଜଣେ ବରିଷ୍ଠ ଖଣି ନିରୀକ୍ଷକଙ୍କୁ ପଠାଇ ଏହାର ତଦନ୍ତ କରାଇଥିଲେ। ତେବେ କର୍ମଚାରୀ ଅଭାବ ବିଷୟରେ ସେ ସ୍ୱୀକାର କରିବା ସହିତ ଶୀଘ୍ର କର୍ମଚାରୀ ନିୟୋଜିତ କରାଯିବ ବୋଲି କହିଥିଲେ । ଏହିପରି କର୍ମଚାରୀ ଅଭାବରୁ ଆଇଥ୍ରିଏମ୍‌ଏସ୍ ନିୟମକୁ ବ୍ୟତିକ୍ରମ କରି ଯୋଡା ଏବଂ କୋଇଡା ଖଣିମଣ୍ଡଳରେ ବେଆଇନ ଖଣିଜ ପରିବହନ କରାଯାଉଥିବା ବହୁବାର ନଜରକୁ ଆସିଲାଣି । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି ।

## ବିଭିନ୍ନ ସ୍ଥାନରେ ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ



ବାଲେଶ୍ୱର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ କରାଯାଉଛି।

**ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ/ବାରିପଦା ଅଫିସ,୫।୧**

ମାହାଙ୍ଗା ଡବଲମର୍ଡର ଘଟଣାରେ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ଗିରଫ ଓ ବହିଷ୍କାର ଦାବିରେ ମଙ୍ଗଳବାର ବାଲେଶ୍ୱର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଫାଣ୍ଡିଛକସ୍ଥିତ ସହଦେବଖୁଣ୍ଟା ମଡ଼େଲ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହ ଆଇନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଯୁବମୋର୍ଚ୍ଚାର ଏକ ପ୍ରତିନିଧି ଦଳ ଥାନା ଆଇଆଇସି କୃଷ୍ଣଚନ୍ଦ୍ର ପଲେଇଙ୍କୁ ସାକ୍ଷାତ୍ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ।

କଟକ ଜିଲା ମାହାଙ୍ଗା ବ୍ଲକର ପୂର୍ବତନ ଅଧକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ଆକ୍ରମଣ କରାଯାଇ ଯେଉଁଭଳି ହତ୍ୟା କରାଗଲା ତାହା ଅତ୍ୟନ୍ତ ଘୃଣ୍ୟ ଏବଂ ନିନ୍ଦନୀୟ। ରାଜ୍ୟ ସରକାର ଆଇନଶୃଙ୍ଖଳା ପରିସ୍ଥିତିକୁ ଠିକ ଢଙ୍ଗରେ ପରିଚାଳନା କରିବାରେ ବିଫଳ ହୋଇଥିବା ଭାଜପା ବାରମ୍ବାର ଅଭିଯୋଗ କରିଆସୁଛି। ଭାଜପା ନେତା ମାନସ କୁମାର ଦତ୍ତ, ପ୍ରବୀର ଶଙ୍କର ଦାଶ, ଲୋକନାଥ ଭୂୟାଁ, ବିକାଶ ପାତ୍ରୀ, ମନ୍ମୟ ଦାସ, ଧୀରଜ ମହାନ୍ତି, ନୀତୀନ ଦାସ, ଅରୁପ ଜେନା, ଶ୍ରୀୟା ଦାସ ପ୍ରମୁଖ ଆଇନ୍‌ମନ୍ତ୍ରୀଙ୍କୁ ଗିରଫ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଭୟାବହ ରୂପ ନେବ ବୋଲି ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ପଣ୍ଡା, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ରବିନାରାୟଣ ମହାପାତ୍ର, ସୀତାକାନ୍ତ ସ୍ୱାଇଁ, ସୁଜିତ ଦେବ, ଶିପ୍ରା ବାଜପେୟୀ, ଶୁଭଙ୍କର ମହାପାତ୍ର, ମଣ୍ଟୁ ପେରିୱାଲ, କମଳା ବିନ୍ଧାଣୀ, ପିଙ୍କି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ମାହାଙ୍ଗା ଡବଲ ମର୍ଡର ଘଟଣାରେ ଆଇନ୍ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବହିଷ୍କାର ଓ ସମସ୍ତ ଅପରାଧୀଙ୍କୁ ଗିରଫ ଦାବି କରି ଭାଜପା ନେତା ମାନେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାଜପା ଯୁବନେତା ବିକାଶ ଶ୍ରେଷ୍ଠାଙ୍କ ନେତୃତ୍ୱରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ନେତା ଡ. ପ୍ରଦୀପ କୁମାର ନାୟକ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ବରିଷ୍ଠ ନେତା ଶ୍ରୀହର୍ଷ ସ୍ୱାଇଁ, ଭଗବାନ ପଣ୍ଡା, ଘାଉଲି ଜେନା, ଅମରେଶ ଚନ୍ଦ୍ର ନାୟକ, ପ୍ରଭାତ ମହାନ୍ତି, ମଣ୍ଡଳ ସଭାପତି ଆଦିକନ୍ଦ ନାୟକ, ପ୍ରଭାକର ସାମଲ ପ୍ରମୁଖ ପ୍ରତିବାଦ ସଭାରେ ସାମିଲ ଥିଲେ।

କଟକ ଜିଲା ମାହାଙ୍ଗା ଅଞ୍ଚଳର ଭାଜପା ନେତା କୁଳମଣି ରାଉତଙ୍କ ହତ୍ୟାରେ ଜଡିତ ଥିବା ଦୋଷୀଙ୍କୁ ଗିରଫ କରିବା ଦାବି ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବାରିପଦା ଟାଉନ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯୁବମୋର୍ଚ୍ଚା ସଭାପତି କୁମାର ମଙ୍ଗଳମଙ୍କ ନେତୃତ୍ୱରେ ବହୁ ନେତୃବୃନ୍ଦ ଓ କର୍ମକର୍ତ୍ତା ଏଥିରେ ସାମିଲ ହୋଇ ଘଟଣାକୁ ନିନ୍ଦା କରିବା ସହ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ ତ୍ରିପାଠୀ, ନିରଞ୍ଜନ ଦାଶ, ଦେବବ୍ରତ ସାମଲ, ସୋମନାଥ ବେହେରା, ସୁବ୍ରତ ମୁଖି, ଦିଲ୍ଲୀପ ଘଡେଇ, ଶଙ୍କର୍ଷଣ ମହାନ୍ତ, ଛତିଶ ମହାନ୍ତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ତୃତୀୟ ଲିଙ୍ଗୀ କଲ୍ୟାଣ 'ସ୍ୱୀକୃତି ଯୋଜନା' ଶୁଭାରମ୍ଭ



ସ୍ୱୀକୃତି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବାରିପଦା ଅଫିସ,୫।୧**

ରୁରାଲ ଡେଭଲପମେଣ୍ଟ ଆକ୍ସନ ସେଲ(ଆରଡିଏସି) ପକ୍ଷରୁ ସାମାଜିକ ନ୍ୟାୟ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସ୍ୱୀକୃତି ଯୋଜନାରେ ଦୁଇ ଦିନିଆ ତୃତୀୟ ଲିଙ୍ଗୀ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ମଙ୍ଗଳବାର ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଜିଲା ନ୍ୟାୟ ପ୍ରାଧିକରଣ ସଚିବ ସୌମ୍ୟ ସ୍ୱରୂପ ସାହୁ ଉଦ୍‌ଘାଟନ କରିଥିଲେ। ସୁପ୍ରିମ୍ କୋର୍ଟଙ୍କ ଆଦେଶ ମୁତାବକ ଓଡ଼ିଶା ସରକାର, ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ପ୍ରଚେଷ୍ଟାରେ ତୃତୀୟ ଲିଙ୍ଗୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏହି ଯୋଜାନା କାର୍ଯ୍ୟକାରୀ ହୋଇଛି। ବାରିପଦା ଉପଖଣ୍ଡର ୧୫ଜଣ ତୃତୀୟ ଲିଙ୍ଗୀ ଯୋଗଦେଇ ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀ ହେବା ପାଇଁ ଦରଖାସ୍ତ ଜିଲା ପ୍ରଶାସନ ନିକଟକୁ ପଠାଇଥିଲେ। ତୃତୀୟ ଲିଙ୍ଗୀ ସଭ୍ୟାମାନେ 'ମା ଅମ୍ବିକା ତୃତୀୟ ଲିଙ୍ଗୀ ସ୍ୱୟଂ ସହାୟିକା ଗୋଷ୍ଠୀ' ଗଠନ କରିଛନ୍ତି। ଏଥିରେ ସଭାପତି ଭାବେ କଟି ସିଂ, ସମ୍ପାଦକ ସୁନୟନା ସିଂ ଓ କୋଷାଧକ୍ଷ ଭାବେ ମନିଷା ସାହୁ ନିର୍ବାଚିତ ହୋଇଛନ୍ତି। କର୍ମଶାଳାରେ ଆରଡିଏସିର ଉପଦେଷ୍ଟା ପ୍ରଦୀପ ବାରିକ, ବିଶେଷଜ୍ଞ ରୁକ୍ସାନା ଖାତୁନ, ରବୀନ୍ଦ୍ର ମହାନ୍ତି ଓ ଶିବ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ବାଲେଶ୍ୱରରୁ ଖଡ଼ଗପୁର ୬ ଲେନ୍ ଦାବି

**ବାଲେଶ୍ୱର ଅଫିସ, ୫।୧**

ବାଲେଶ୍ୱରରୁ ଖଡ଼ଗପୁର ଯାଏ ଦୀର୍ଘ ୧୨୦ କି.ମି ୬୦ନଂ. ଜାତୀୟ ରାଜପଥକୁ ୬ ଲେନ୍ ବିଶିଷ୍ଟ କରିବା ପାଇଁ ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀଙ୍କଠାରେ ଦାବି କରିଛନ୍ତି। ଭୁବନେଶ୍ୱରରୁ ବାଲେଶ୍ୱର ପର୍ଯ୍ୟନ୍ତ ଜାତୀୟ ରାଜପଥ ୬ ଲେନ୍ ହୋଇଯାଇଥିବା ବେଳେ ବାଲେଶ୍ୱରରୁ ଖଡ଼ଗପୁର ଯାଏ ୬ ଲେନ୍ ହେବାର ଆବଶ୍ୟକତା ରହିଛି। ଫଳରେ ପୂର୍ବ ଭାରତର ବିକାଶ ଓ ରାଜ୍ୟର ଅର୍ଥନୈତିକ ବିକାଶ ହେବା ସହ ଟ୍ରାଫିକ୍ ସମସ୍ୟା ସମାଧାନ ହେବ। ବର୍ତ୍ତମାନ ୪ ଲେନ୍ ଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ବହୁ ଦୁର୍ଘଟଣା ଘଟୁଛି। ଦିନକୁ ଦିନ ଜାତୀୟ ରାଜପଥରେ ଗାଡ଼ି ସଂଖ୍ୟା ବୃଦ୍ଧି ହେବା ଫଳରେ ଏହାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି।

### ଆଞ୍ଚଳିକ କ୍ରୀଡ଼ା ଖବର

## ତାଳପଦା ୨୦-୨୦ କ୍ରିକେଟ୍ : ଅଞ୍ଜି ଟିମ୍ ଚାମ୍ପିୟନ



ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଉଛି।

**ବାହାନଗା, ୫।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳପଦା ସର୍ବମଙ୍ଗଳା କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ କ୍ରିକେଟ୍ ମ୍ୟାଚ୍ ମଙ୍ଗଳବାର ଶେଷ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଡାର୍କ ହର୍ଶ କ୍ରିକେଟ୍ ଟିମ୍ ଓ ଅଞ୍ଜି କ୍ରିକେଟ୍ ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଡାର୍କହର୍ଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୭୬ ରନ୍ କରିଥିଲା। ୭୭ରନ୍‌ର ବିଜୟ ଲକ୍ଷ୍ୟ ନେଇ ଅଞ୍ଜି ଟିମ୍ ୧୯ ଓଭରରେ ୯ ଉଇକେଟ୍ ହରାଇ ୭୭ ରନ୍ କରି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ବିପିନ ବିହାରୀ ଦାସ ଓ ସମ୍ମାନନୀୟ ଅତିଥି ଭାବେ ଯୁବନେତା ହରେନ୍ଦ୍ର ମଲିକ, କୃଷ୍ଣ ଚନ୍ଦ୍ର ସାହା, ନୀତୀନ ସାହା ଯୋଗଦେଇଥିଲେ। ଉଭୟ ଚାମ୍ପିୟନ ଏବଂ ରନର୍ସଅପ୍ ଦଳକୁ ପୁରସ୍କାର ଓ ନଗଦ ଟଙ୍କା ଅତିଥିମାନେ ପୁରସ୍କାର କରିଥିଲେ। ଖେଳକୁ ଅକ୍ଷୟ ଦାସ ଓ ରଞ୍ଜିତ ଦାସ ପରିଚାଳନା କରିଥିବା ବେଳେ ସ୍ମିତପ୍ରଜ୍ଞା ଦାସ, ଜିତେନ୍ଦ୍ର ଦାସ, ଚିନ୍ମୟ ମଲ୍ଲିକ, ଶୁଭ୍ରାଂଶୁ ଦାସ, ତପନ ସ୍ୱାଇଁ, ହିମାଂଶୁ ପ୍ରଧାନ, ଜ୍ୟୋତିରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ପାଟଣା ୱେଭ୍‌ଏକାଦଶ ଚାମ୍ପିୟନ

**ପାଟଣା,୫।୧(ସ୍ୱ.ପ୍ର.)**

### ପାଟଣା ପ୍ରିମିୟର ଲିଗ୍ ଉଦ୍‌ଯାପିତ

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସ୍ଥିତ ଷ୍ଟାଡିୟମ ଠାରେ ମଙ୍ଗଳବାର ପାଟଣା କ୍ରିକେଟ କ୍ଲବ ତରଫରୁ ଚାଲିଥିବା ୬ ଦିନିଆ କ୍ରିକେଟ ପ୍ରିମିୟର ଲିଗ୍ ଉଦଯାପିତ ହୋଇଛି। ଫାଇନାଲରେ ମଙ୍ଗଳବାର କେନ୍ଦୁଝର ଫେମସ କ୍ରିକେଟ କ୍ଲବକୁ ପାଟଣା ୱେଭଏକାଦଶ ଭେଟିଥିଲା। ପ୍ରଥମେ କେନ୍ଦୁଝର ଫେମଶ କ୍ରିକେଟ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୦୬ ରନ ସଂଗ୍ରହ କରିଥିବା ବେଳେ ପାଟଣା ୱେଭ ଏକାଦଶ ୧୫ ଓଭରରେ ୩ ଉଇକେଟ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାଏକ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଜୟ କୁମାର ଦାଶ, ଶିକ୍ଷକ ନେତା କମଳା କାନ୍ତ ପତି, ବିରେନ୍ଦ୍ର କୁମାର ଦାଶ ଓ ପ୍ରମୋଦ କୁମାର ଭଞ୍ଜ ଯୋଗ ଦେଇ ବିଜୟୀ ଦଳକୁ ନଗଦ ୨୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ରନର୍ସଅପ୍ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଲିଗ୍‌ରେ ଜିଲାର ବିଭିନ୍ନ ସ୍ଥାନରୁ ବଛା ବଛା ୮ଟି କ୍ରିକେଟ ଟିମ୍ ଅଂଶ ଗ୍ରହଣ କରିଥିଲେ।

## ଅନନ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

**କେନ୍ଦୁଝର, ୫।୧(ସ୍ୱ.ପ୍ର)**

କେନ୍ଦୁଝରସଦର ବ୍ଲକଅନ୍ତର୍ଗତ କାଉଁରୀକଳା ପଞ୍ଚାୟତ ବଉଳମାଳ ଗ୍ରାମର ଗୋଲଡେନ ଆଇ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଷଷ୍ଠ ଅନନ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗ୍ରାମମଙ୍ଗଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୈଳେନ୍ଦ୍ରନାଥ ମହାନ୍ତ, ସମ୍ମାନିତ ଅତିଥି ଭାବେ କାଉଁରୀକଳା ସମିତି ସଭ୍ୟ ମାନସ ସାହୁ ଏବଂ ବଉଳମାଳ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳକୁ ଉଦ୍‌ଘାଟିତ କରିଥିଲେ। ଏହି ଟୁର୍ନାମେଣ୍ଟରେ ୧୬ ଆଞ୍ଚଳିକ ଦଳ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ମ୍ୟାଚ୍ ଯାମୁପଶି ଏକାଦଶ ଏବଂ ଦିଲ୍ଲୀପ ଏକାଦଶ ମଧ୍ୟରେ ଖେଳାଯାଇଥିଲା। ଯାମୁପଶି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ୱିକେଟ ହରାଇ ୧୦୫ ରନ କରିଥିଲା। ଏହାର ଜବାବରେ ଦିଲ୍ଲିପ ଏକାଦଶ ୧୨ ଓଭରରେ ୮ ୱିକେଟ ହରାଇ ୭୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଉଖୁଣ୍ଡା ପ୍ରଥମେ ବ୍ୟାଟିଂ ୧୨ ଓଭରରେ ୬ ୱିକେଟ ହରାଇ ୧୨୫ ରନ କରିଥିଲା। ଜବାବରେ ନାରଦପୁର ୧୨ ଓଭରରେ ୯ୱିକେଟ ହରାଇ ୯୩ ରନ କରି ପରାଜିତ ହୋଇଥିଲା। ପୁର୍ଣ୍ଣେନ୍ଦୁ ମହାନ୍ତ ଓ ମନୋଜ ମହାନ୍ତ ଖେଳ ପରିଚାଳନା କରିଥିବା ବେଳେ ବିକାଶ ସର୍ଦ୍ଦାର ଓ ବାଦଲ ମୁଣ୍ଡା ସ୍କୋରର ଦାୟିତ୍ୱ ତୁଲାଇଥିଲେ। କ୍ଲବର ବରିଷ୍ଠ ସଦସ୍ୟ ଗୋଲକ ମହାରଣା ଧାରାବିବରଣୀ ଦେଇଥିଲେ।

## ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ନାମେଣ୍ଟ, ଶ୍ୟାମାକାଳୀ ଟିମ୍ ଚାମ୍ପିୟନ

**ଦୋବଲ,୫।୧(ଡି.ଏନ୍.ଏ.)**

ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ସ୍ଥିତ ଧରମ ପଡ଼ିଆଠାରେ ମା' ସୁବର୍ଣ୍ଣମୁଖୀ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଦୋବଲର ଗ୍ରୀନଷ୍ଟାର କ୍ରିକେଟ ଟିମକୁ ହରାଇ ଜାହାଙ୍ଗିରର ମା' ଶ୍ୟାମାକାଳୀ କ୍ରିକେଟ ଟିମ ଚାମ୍ପିୟନ ହୋଇଥିଲା। ପ୍ରଥମେ ମା' ଶ୍ୟାମାକାଳୀ କ୍ରିକେଟ ଟିମ ବ୍ୟାଟିଂ କରି ୧୫ ଓଭରରେ ୮ ଉଇକେଟ୍ ହରାଇ ୧୬୬ ରନ ସଂଗ୍ରହ କରିଥିଲା । ଜବାବରେ ଗ୍ରୀନଷ୍ଟାର କ୍ରିକେଟ ଟିମ୍ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୯୩ ରନ କରି ପରାଜୟ ବରଣ କରିଥିଲା। ଆଶିଷ ଖାଁ ମ୍ୟାନ୍ ଅଫ୍ ଦି ସିରିଜ, ଜେସନ ଖାଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଟିପୁ





ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି।

ସୁଲତାନଙ୍କୁ ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ କରାଯାଇଥିଲା। ରାଜେନ୍ଦ୍ର ମହାରଣା ଓ ବିକାଶ ସାହୁ ଅମ୍ପାୟାର ଥିବା ବେଳେ ଜିତନ ସାହୁ ଓ ରଞ୍ଜନ ସାହୁ ସ୍କୋର ଏବଂ ସମୀର ସାହୁ ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧାମନଗର ପ୍ରେସ କ୍ଲବ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, ଅନ୍ୟତମ ଅତିଥି ଭାବେ ବିଜେଡ଼ି ବ୍ଲକ ଯୁବ ଉପସଭାପତି କୃଷ୍ଣଚନ୍ଦ୍ର ପତି, ଖବରଦାତା ପ୍ରଶାନ୍ତ କୁମାର ସାହୁ ଓ ସାମାଜିକକର୍ମୀ ପ୍ରତାପ ମହାନ୍ତି ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ଓ ରନର୍ସ ଅପ ଟିମକୁ କପ ପ୍ରଦାନ କରି ପୁରସ୍କୃତ କରିଥିଲେ। ଆୟୋଜିତ ସଭାରେ ଶିକ୍ଷକ ଶରତ କୁମାର ସାହୁ ସଭାପତିତ୍ୱ କରିଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ଧୋବଗଡ଼ିଆ ବିଜୟୀ

**ସିମୁଳିଆ, ୫।୧(ଡି.ଏନ.ଏ.)**

ସିମୁଳିଆର କ୍ରୀଡ଼ା ଅନୁଷ୍ଠାନ ମାର୍କୋଣା ଆଥ୍‌ଲେଟିକ ଆସୋସିଏଶନ(ମା) ପକ୍ଷରୁ ଦିବଂଗତ କ୍ରୀଡାବିତ୍ ଅରବିନ୍ଦ ରାୟଚୌଧୁରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ରଘୁନାରାୟଣ ହାଇସ୍କୁଲ ପଡିଆରେ ଅଷ୍ଟମ ବାର୍ଷିକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଅଞ୍ଚଳର ୮ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଭଦ୍ରକ ଓ ଧୋବଗଡିଆ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟନ୍ତ କୌଣସି ଟିମ୍ ଗୋଲ ଦେଇ ନ ପାରିବାରୁ ପେନାଲଟି କିକ୍ ମାଧ୍ୟମରେ ଗୋଲ ସିଦ୍ଧାନ୍ତ ନିଆଯାଇଥିଲା । ମୋଟ ୫ଟି ପେନାଲଟି କିକ୍ ମଧ୍ୟରୁ ଭଦ୍ରକ ଟିମ୍ ୨ଟି ଗୋଲ ଦେବାରେ ସଫଳ ହୋଇଥିବା ବେଳେ ଧୋବଗଡିଆ ଟିମ୍ ସର୍ବାଧିକ ୪ଟି ଗୋଲ ଦେଇ ବିଜୟୀ ହୋଇଥିଲେ। ଆଥ୍‌ଲେଟିକ ଆସୋସିଏଶନର ପୂର୍ବତନ ସଭାପତି ଗୋଲକଚନ୍ଦ୍ର ବେହେରା ଓ ସମ୍ପାଦକ ରମାକାନ୍ତ ପଣ୍ଡା କ୍ରୀଡା ପରିଚାଳନା କରିଥିଲେ। ପୂର୍ବାହ୍ନରେ ଦିବଂଗତ ଖେଳାଳିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନ ସଭାପତି ଗଦାଧର ଜେନା ମଞ୍ଚ ସଞ୍ଚାଳନା କରିଥିଲେ। ଅତିଥି ରୂପେ ସିମୁଳିଆ କଲେଜର କ୍ରୀଡା ଅଧାପକ ବାଇଧର ମହାକୁଡ, ସ୍ୱଦେଶ ରାୟଚୌଧୁରୀ, ସ୍ୱରାଜରାୟ ଚୌଧୁରୀ, ରାମକୃଷ୍ଣ ରାୟ ଚୌଧୁରୀ ଯୋଗ ଦେଇଥିଲେ ।

## ଲିଗ୍ ଅଫ୍ ଚାମ୍ପିୟନ୍ସ କ୍ରିକେଟ ଟୁର୍ନାମେଣ୍ଟ

**ବାରିପଦା ଅଫିସ,୫।୧**

ବାରିପଦା ଚିପଟଅଡ଼ିଆଠାରେ ମଙ୍ଗଳବାର ଲିଗ୍ ଅଫ୍ ଚାମ୍ପିୟନ୍ସ (ଏଲ.ଓ.ସି.) ସିଜିନ୍-୩ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଲିଗ୍‌ରେ ଜେଷ୍ଟଲ ଫାଇଟର୍ସ, ଏଫ.ଏମ. ଟାଇଗର୍ସ, ଟ୍ରଫି ଫାଇଟର୍ସ, ସିଡକ୍ସ ଇଲେଭେନ, ଅସ୍ତିଆ ସୁପର କିଙ୍ଗସ ଓ ହାଡହୁଡ୍ ରାଇଡର୍ସ ଆଦି ୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚରେ ଜେଷ୍ଟଲ ଫାଇଟର୍ସ ଦଳ ସିଡକ୍ସ ଇଲେଭେନକୁ ପରାସ୍ତ କରିଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖବରଦାତା ଦୀପକ କୁମାର ନାୟକ ଓ ସମ୍ମାନୀତ ଅତିଥି ଖବରଦାତା ଦିଲ୍ଲୀପ କୁମାର ପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟାର ଭାବେ କୁମାରେଶ ନାୟକ ଓ ରୁଷିରାଜ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ଆୟୋଜକ କମିଟି ପକ୍ଷରୁ ଲୋକେଶ୍ୱର ଭଞ୍ଜ, ରଞ୍ଜିତ ପଲେଇ, ମିଥୁନ ବାରିକ, ଅଂଶୁମାନ ମିଶ୍ର, ଦେବେନ୍ଦ୍ର ଦାଶ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ଚଡ଼ଦା ଚାମ୍ପିୟନ

**କୁଆମରା, ୫।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଆମରା ନୃସିଂହ ଜୀଉ କ୍ଲବ ପକ୍ଷରୁ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ବାଲେଶ୍ୱର ଜିଲା ନିମପାଳ ଫୁଟବଲ ଟିମ୍‌କୁ ୧-୦ ଗୋଲରେ ହରାଇ ଉଦଳା ସ୍ଥିତ ଚଡ଼ଦା ଫୁଟବଲ୍ ଟିମ୍ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପ୍ରବୀର କୁମାର ମହୁଆଳ ଓ ସୁଧାଂଶୁ ଶେଖର ରାଏ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୧୦ହଜାର ଓ ରନର୍ସ ଅପ୍ ଦଳକୁ ୮ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। କ୍ଲବର ସଭାପତି କୃପାସିନ୍ଧୁ ସିଂ ଓ ସମ୍ପାଦକ ଅଖିଳ ତରେଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ନାମେଣ୍ଟକୁ ସୁମନ୍ତ ସିଂ ଓ ପଦ୍ମଲୋଚନ ବିଶ୍ୱାଳ ପରିଚାଳନା କରିଥିଲେ। ଲିପୁନ ସିଂ, ଗତିକୃଷ୍ଣ ରାଉତ, ଗୌରଚନ୍ଦ୍ର ସିଂ, ଭାସ୍କର ଚନ୍ଦ୍ର ସିଂ ପ୍ରମୁଖ ସହଯୋଗ କରିଥିଲେ।

## ୩ ଟ୍ରାକ୍ଟରରୁ ୩୦ ହଜାର ଜରିମାନା

ପଦ୍ମପୁର, (ଡି.ଏନ୍.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଚାନ୍ଦିମାଳ ଛକ ନିକଟରେ ବେଆଇନ ଭାବେ ମାଟି ଖୋଳୁଥିବା ୩ଟି ଟ୍ରାକ୍ଟର ଜବତ ହୋଇଛି। ଏହି ଟ୍ରାକ୍ଟର ଗୁଡ଼ିକଠାରୁ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ୩୦,୫୪୩ ଟଙ୍କା ଓ ଏକ ଜେସିବିଠାରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି।

# ମାନ୍ୟତା ଅପେକ୍ଷାରେ କାଇଁଝରୀ ଜଳପ୍ରପାତ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୫।୧



କେନ୍ଦୁଝର ଜିଲାରେ ଭରି ରହିଛି ବହୁ ଅନାଲୋଚିତ ପ୍ରାକୃତିକ ଜଳପ୍ରପାତ । ସେଥି ମଧ୍ୟରୁ ବାଂଶପାଳ ବ୍ଲକ ଅନ୍ତର୍ଗତ ତଳବାଲି ନିକଟରେ ବିଲାରୀଗୋଠ ପାହାଡ଼ରେ ରହିଛି ଏକ ମନୋରମ ଜଳପ୍ରପାତ । ଯାହାର ନାମ ସ୍ଥାନୀୟ ଲୋକେ ଘାଗରା (ଅର୍ଥ ଜଳପ୍ରପାତ) ଦେଇଛନ୍ତି । ପାହାଡ଼ ଓ ଜଙ୍ଗଲ ପରିବେଷ୍ଟିତ ଏହି ଅଞ୍ଚଳରେ ବୋହି ଯାଇଥିବା କାଇଁଝରୀ ନାଳରେ ଏହି ଜଳପ୍ରପାତ ରହିଛି । କାଇଁଝରୀ ଚିରସ୍ରୋତା ଝରଣା ଜାମୁଦଳକ ପାହାଡ଼ରୁ ବାହାରି ଜଙ୍ଗଲ ଓ ପ୍ରସ୍ତର ଖୋଲ ଦେଇ କାନଝରୀ ଡ୍ୟାମ୍‌ରେ ପଡୁଛି। ଏଣୁ ଏହା କାଇଁଝରୀ ଜଳପ୍ରପାତ ବୋଲି ପରିଚିତ ହୋଇଛି । ସେଠାରୁ ଏହି ଝରଣା ବୈତରଣୀ ନଦୀରେ ମିଶି ଭଦ୍ରକ ଦେଇ ସମୁଦ୍ରରେ ମିଶିଛି। କେନ୍ଦୁଝର ଜିଲା ମୁଖ୍ୟାଳୟରୁ ନରଣପୁର ରାସ୍ତାରେ ନୁଦୁରପଡ଼ା ଛକ ଯାଇ ସେଠାରୁ ବକ୍ସିବାରିଗାଁ ଛକରୁ ଗୋନାସିକା ରାସ୍ତାରେ ଯିବାକୁ ପଡ଼ିବ। ବାରହାଗଡ଼ ଛକରୁ ତଳବାଲି ଗ୍ରାମକୁ ଗଲେ ରାସ୍ତାକଡ଼ରେ ଏହି ଜଳପ୍ରପାତ ଦେଖିବାକୁ ମିଳିବ। ତେବେ ଏହି ମନୋରମ ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳି ନ ଥିବା ବେଳେ ଏହାର ବିକାଶ ମଧ୍ୟ ହୋଇ ପାରିନାହିଁ।

ଏଠାରେ ନାଳର ପାଣି ପ୍ରାୟ ୪୦ ଫୁଟ୍ ଉପରୁ ପ୍ରସ୍ତର ଉପରେ ଖସୁଥିବାର ମନୋରମ ଦୃଶ୍ୟ ଅନେକଙ୍କୁ ଆକର୍ଷିତ କରିଥାଏ । ଏହି ନାଳ ତଳକୁ ତଳକୁ ପ୍ରାୟ ଏଭଳି ଆଉ ୫ଟି ମନୋରମ ଜଳପ୍ରପାତ ସୃଷ୍ଟି କରିଛି। ସେହିପରି ନାଳର ଉପର ପାର୍ଶ୍ୱରୁ ତଳକୁ ଏକ ଗଣ୍ଡ ଦେଇ ପ୍ରବାହିତ ହେଉଥିବା ଦେଖିବାକୁ ମିଳେ । ଘଞ୍ଚ ଜଙ୍ଗଲାଞ୍ଚଳ ହୋଇଥିବାରୁ ଏବଂ ବୃହତ ପାହାଡ ଓ ଚଟାଣ ପରିବେଷ୍ଟିତ ଅଞ୍ଚଳ ହୋଇଥିବାରୁ ସୂର୍ଯ୍ୟାଲୋକ ପଡ଼େ ନାହିଁ । ତୀର୍ଯ୍ୟକ ସୂର୍ଯ୍ୟାଲୋକ କାଚ କେନ୍ଦୁ ଭଳି ପାଣିରେ ପଡିଲେ ଚକ ଚକ ଦିଶେ। ଚାରିପଟେ ପ୍ରସ୍ତରର ଚଟାଣ ରହିଥିବାରୁ ବସି ଏହି ଦୃଶ୍ୟ ଉପଭୋଗ କରିବାକୁ ଅନେକ ଯାଇଥାନ୍ତି। ଭୋଜିଭାତ କରି ଫେରିଥାନ୍ତି । ତେବେ ଏହା ଜିଲାର ମାନ୍ୟତା ପ୍ରାପ୍ତ ତଥା ପ୍ରସିଦ୍ଧ ସାନଘାଗରା ଜଳପ୍ରପାତ ଠାରୁ ଅଧିକ ଆକର୍ଷଣୀୟ ଓ ମନୋରମ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏଭଳି ପର୍ଯ୍ୟଟନ ସ୍ଥଳକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ମିଳିଗଲେ ଏହା ଜିଲାର ସବୁଠାରୁ ଗୁରତ୍ୱପୂର୍ଣ୍ଣ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହେବ ବୋଲି ମତ ପ୍ରକାଶ ପାଉଛି। ଜୁଆଙ୍ଗ ଜନଜାତି ଅଞ୍ଚଳରେ ଥିବା ଏହି ଜଳପ୍ରପାତକୁ ମାନ୍ୟତା ମିଳିଲେ ଏବଂ ବିକାଶ କରାଗଲେ ଏହା ଟ୍ରାଇବାଲ ଟୁରିଜିମ୍‌କୁ ପ୍ରୋତ୍ସାହିତ କରିବ ଏବଂ ଏହା ଦ୍ୱାରା ଏହି ଅଂଚଳର ବିକାଶରେ ସହାୟକ ହୋଇପାରିବ। ଏହା ବ୍ୟତୀତ ଏହି ରାସ୍ତା ଦେଇ ହାତୀଶୀଳା,ବାରାଗଡ ଆଦି ଜୁଆଙ୍ଗ ଗ୍ରାମକୁ ଗଲେ ରାସ୍ତା କଡ଼ରେ ପାହାଡ଼ ଉପରୁ ତଳକୁ ଦେଖିଲେ ଶିମ୍ଲା, ଦାର୍ଜିଲିଂ ଭଳି ଦୃଶ୍ୟ ଦେଖିବାକୁ ମିଳେ। ପରିବେଶବିତ ହରେକୃଷ୍ଣ ମହାନ୍ତ କହିଛନ୍ତି ଯେ, ଏହି ଅଞ୍ଚଳରେ ବହୁମୂଲ୍ୟବାନ ଜଡ଼ିବୁଟି ବୃକ୍ଷଲତା ରହିଛି। ଏହି ଜଳପ୍ରପାତକୁ ମାନ୍ୟତା ଦେଇ ଏଠାରେ ଆବଶ୍ୟକ ଭିତ୍ତିଭୂମିର ବିକାଶ କରିବାକୁ ଡିଏଫଓଙ୍କୁ ଜଣାଇଛୁ। ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି, ଏହି ସ୍ଥାନଟି ଅତି ରମଣୀୟ। ଏଣୁ ଏହାର ବିକାଶ କରିବା ସହ କିପରି ମାନ୍ୟତା ମିଳିପାରିବ ସେ ନେଇ ପଦକ୍ଷେପ ନେବୁ।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୁକ୍ତଙ୍କୁ ଧରୁନି ପୋଲିସ

ହାଟଡିହୀ,୫।୧(ଡି.ଏନ.ଏ.): କେନ୍ଦୁଝର ଜିଲା ନନ୍ଦିପଦା ଥାନା ଶାଳନିଆ ବଜାରରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଶାଳନିଆ ଓ ପରେ ଭଦ୍ରକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ଯୁବକ ହେଲେ ବଳଭଦ୍ରପୁର ଗ୍ରାମର ଚନ୍ଦ୍ରମଣି ସେଠୀ। ଏନେଇ ପୋଲିସ ଏକ ମାମଲା(ନଂ.୨/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଗତ ୧ତାରିଖରେ ଚନ୍ଦ୍ରମଣି ଶାଳନିଆ ବଜାରକୁ ଧାନ ବିକ୍ରି କରିବାକୁ ଯାଇଥିଲେ। ଏହି ସମୟରେ ବିଷ୍ଣୁପୁର ଗ୍ରାମର ଶ୍ରୀକୃଷ୍ଣ ବେହେରା, ମନ ଯେନା, ପୁତନା ଯେନା ଏବଂ ଅନ୍ୟ ୩ ଜଣ ଅଜଣା ବ୍ୟକ୍ତି ଗାଳିଗୁଲଜ କରିବା ସହ ଭୁଜାଲିରେ ତାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ତେବେ ଅଭିଯୁକ୍ତମାନେ ଖୁଲମଖୁଲା ବୁଲୁଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରିବାରେ ସଫଳ ହୋଇ ପାରିନି। ଅଭିଯୁକ୍ତଙ୍କୁ ଗିରଫ ପାଇଁ ଚଢ଼ାଉ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

### ଟ୍ରକ୍ ପାର୍କିଂକୁ ନେଇ ବିବାଦ

କେନ୍ଦୁଝର, ୫।୧( ସ୍ୱ.ପ୍ର.):କେନ୍ଦୁଝର ଜିଲା ବଂଶପାଳ ବ୍ଲକ ତଳ ଚମ୍ପେଇ ପଞ୍ଚାୟତର ତେନ୍ତୁଳି ମୌଜାର ଠାକୁରଡ଼ିହି ସାହି ନିକଟରେ ଲୁହାପଥର ବୋଝେଇ ଟ୍ରକ ପାର୍କିଂ ନିଷ୍ପତ୍ତିକୁ ନେଇ ବିବାଦ ଦେଖାଦେଇଛି। ଶୁଆକାଠି ସ୍ଥିତ ଗନ୍ଧମାର୍ଦ୍ଦନ ଖଣିର ଟ୍ରକ ପାର୍କିଂ ପାଇଁ ବ୍ୟବସ୍ଥା ହେଲେ ଆଖପାଖ ଅଞ୍ଚଳର ଦଶଟି ଗ୍ରାମର ଲୋକ ମାନେ ଦୁର୍ଘଟଣା, ଯାତାୟାତ ଆଦି ସମସ୍ୟା ଭୋଗିବେ। ସେହିପରି ପାର୍କିଂ ସ୍ଥାନ ନିକଟରେ ଚାଲି ଆସୁଥିବା ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରର ଛୋଟ ଛୋଟ ପିଲା ମାନେ ଧୂଳି ଧୂଆଁ ସମସ୍ୟା ସାଙ୍ଗକୁ ଅନ୍ୟାନ୍ୟ ସମସ୍ୟାର ସମ୍ମୁଖୀନ ହେବେ। ଏଣୁ ଟ୍ରକ୍ ପାର୍କିଂ ପାଇଁ ଅନୁମତି ନ ଦେବାକୁ ଜିଲାପାଳଙ୍କୁ ଅଞ୍ଚଳ ବାସୀ ଦାବି କରିଛନ୍ତି।

### ମୃତଦେହ ଜବତ

ଜଳେଶ୍ୱର, ୫।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ କୃଷ୍ଣନଗର ଅଞ୍ଚଳରେ ମୃତ୍ୟୁଞ୍ଜୟ ପ୍ରଧାନ(୧୯) ନାମକ ଯୁବକ ମଙ୍ଗଳବାର ଭୋର ସମୟରେ ଭଡା ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ଚନ୍ଦନେଶ୍ୱରର ଶ୍ୟାମାନନ୍ଦପୁର ଗ୍ରାମରେ। ସେ ଏକ ପ୍ଲାଷ୍ଟିକ୍ ଥାଳି, ଗିନା ତିଆରି କରୁଥିବା କାରଖାନାରେ କାର୍ଯ୍ୟ କରୁଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି ।

### ସ୍ୱାସ୍ଥ୍ୟସେବା ଅଧିକାର ସଚେତନତା

ବାଙ୍ଗିରିପୋଷି,୫।୧(ଡି.ଏନ.ଏ.): ଅକ୍ସଫାମ୍ ଇଣ୍ଡିଆ ଓ ସ୍ୱାସ୍ଥ୍ୟ ଅଭିଯାନ ତରଫରୁ ସଂଗ୍ରାମ ସେଚ୍ଛାସେବୀ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଅଧିକାର ସଚେତନତା କାର୍ଯ୍ୟକ୍ରମ ବାଙ୍ଗିରିପୋଷି ବ୍ଲକର ମଣଦା ଓ ବୁଢ଼ିଖମାରୀଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୋଷ୍ଠୀର ସଭ୍ୟା, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, କିଶୋରୀ ବାଳିକା ଯୋଗ ଦେଇଥିଲେ। ସଂଗ୍ରାମର ଅଧକ୍ଷା ସୁଶ୍ରୀ ସଂଯୁକ୍ତା ବଶା ଯୋଗଦେଇ ଡାକ୍ତରଖାନାରେ ରୋଗୀଙ୍କୁ କିପରି ସ୍ୱାସ୍ଥ୍ୟସେବା ଅଧିକାର ମିଳି ପାରିବ ସେନେଇ ଆଲୋଚନା କରିଥିଲେ। ମଧୁସ୍ମିତା ସି ଧନ୍ୟବାଦ ଅର୍ପଣ କରିଥିଲେ।

### ମୂଲ୍ୟବାନ କାଠ ଜବତ

ପାଟଣା, ୫।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଉଦୟପୁର ବିଟ୍ ଦୁଆଘାଟ ଗ୍ରାମର ନିଛାଟିଆ ସ୍ଥାନରେ ଥିବା ଜଣଙ୍କ ଘରଭିତରୁ ମଙ୍ଗଳବାର ବନବିଭାଗ ଓ ପୋଲିସର ମିଳିତ ଚଢ଼ାଉରେ ଲକ୍ଷାଧିକ ଟଙ୍କାର ଶାଗୁଆନ, ଗମ୍ଭାରୀ, ପଣସ ପଟା, ଶାଳ ଓ ଜାମୁ ଚୌକାଠକୁ ବନ ବିଭାଗ ଜବତ କରି ନରଣପୁର ଫରେଷ୍ଟ ଗୋଦାମକୁ ଆଣିଛି। କୌଣସି ସୂତ୍ରରୁ ଖବର ପାଇ ଡିଏଫଓ ସ୍ୱୟମ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ନେତୃତ୍ୱରେ ପାଟଣା ରେଞ୍ଜର ପବିତ୍ର ମୋହନ ନାୟକ, କେନ୍ଦୁଝର ରେଞ୍ଜର ଅରବିନ୍ଦ ନାଏକ, ଚମ୍ପୁଆ ରେଞ୍ଜର ଘାସିନାଥପାତ୍ର ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ପାରା ଷ୍ଟାଫ ସାମିଲ ହୋଇଥିଲେ। ତେବେ ଚଢ଼ାଉ ପୂର୍ବରୁ ଘର ମାଲିକ ଫେରାର ହୋଇଯାଇଥିବା ଏସିଏଫ ଘନଶ୍ୟାମ ମହାନ୍ତ ସୂଚନା ଦେଇଛନ୍ତି।

# ଭାବବିହ୍ୱଳ ହେଲେ ଭକ୍ତ



ଜଗନ୍ନାଥଙ୍କୁ ଦର୍ଶନ ଲାଗି ଆସିଥିବା ଶ୍ରଦ୍ଧାଳୁ।

ବାରିପଦା ଅଫିସ,୫।୧

କୋଭିଡ୍-୧୯ପାଇଁ ଦୀର୍ଘ ଦିନ ଧରି ବନ୍ଦ ରହିଥିବା ମୟୂରଭଞ୍ଜ ଜିଲାର ସମସ୍ତ ମଠ, ମନ୍ଦିର ଓ ଧର୍ମାନୁଷ୍ଠାନ ମଙ୍ଗଳବାର ଖୋଲାଯାଇଛି । ଜିଲାରେ ଥିବା ମୋଟ ୧୫୩ଟି ମଠ ଓ ମନ୍ଦିର ଖୋଲାଯାଇଥିବା ବେଳେ କୋଭିଡ୍ କଟକଣାକୁ କଡ଼ାକଡ଼ି ପାଳନ କରାଯାଇ ମନ୍ଦିର ପ୍ରବେଶ ଅନୁମତି ମିଳିଛି। ଏ ନେଇ ଦେବୋତ୍ତର ବିଭାଗର ଚିଠି ନଂ.୧/୨୧ରେ ସମସ୍ତ ମନ୍ଦିରର ପରିଛାମାନଙ୍କୁ ଅବଗତ କରାଯାଇଛି।

ବାରିପଦା ଶ୍ରୀ ଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିର ସକାଳ ୬ଟାରେ ଖୋଲାଯାଇ ସର୍ବସାଧାରଣଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଥିଲା। ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଦେଖି ଭକ୍ତମାନେ ଭାବ ବିହ୍ୱଳ ହୋଇପଡ଼ିଥିଲେ। ଶ୍ରଦ୍ଧାଳୁମାନେ ପ୍ରାତଃ ସମୟରୁ ଆସି ମନ୍ଦିର ସମ୍ମୁଖରେ ଭିଡ଼ ଜମାଇବା ସହିତ ଶଙ୍ଖ ହୁଳହୁଳି ଦେଇ ପ୍ରଭୁଙ୍କ ଦର୍ଶନ କରିଥିଲେ। ସମସ୍ତେ ମାସ୍କ ପରିଧାନ ସହିତ ସାନିଟାଇଜର ବ୍ୟବହାର କରି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ସେହିପରି ମା'ଅମ୍ବିକା, ମା' କୀଚକେଶ୍ୱରୀ, ବାଣ୍ଡିଆ ଜଗନ୍ନାଥ ମନ୍ଦିର ଓ ବୁଢ଼ାରାଉଳ ଆଦି ମନ୍ଦିର ଓ ମଠଗୁଡ଼ିକରେ ଜନସାଧାରଣଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭକ୍ତମାନେ ମା' ଅମ୍ବିକାଙ୍କୁ ଦର୍ଶନ କରି କୃପାଶିଷ ଲାଭ କରିଥିବା ବେଳେ ଦୀପ ପ୍ରଜ୍ୱଳନ କରି ଶୁଭ ମନାସୁ ଥିବା ଦେଖିବାକୁ ମିଳିଥିଲା। ସହରରେ ଥିବା ଛୋଟବଡ଼ ମନ୍ଦିର, ମଠ ଓ ପୀଠରେ ଶହ ଶହ ଭକ୍ତ ଦିଅଁ ଦର୍ଶନ କରିଥିଲେ। ଦୀର୍ଘ ୯ମାସ ଧରି ମନ୍ଦିର ବନ୍ଦ ଥିବା ଯୋଗୁ ଶ୍ରଦ୍ଧାଳୁମାନେ ଦେବ ଦର୍ଶନରୁ ବଞ୍ଚିତ ଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅନୁମତି ମିଳିବା ପରେ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଓଡ଼ିଶା ମନ୍ଦିର ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିବା ସହିତ କଟକଣା ମାନିବାକୁ ପରାମର୍ଶ ଦେଇଛନ୍ତି ।

## ଲାଞ୍ଚ ମାଗି ଅଡୁଆରେ ଏଏସ୍ଆଇ: ଏସ୍‌ପିଙ୍କ ତଦନ୍ତ ନିର୍ଦ୍ଦେଶ

ବାଲେଶ୍ୱର ଅଫିସ, ୫।୧

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନାର ଜଣେ ଏଏସ୍ଆଇ ବିଭିନ୍ନ ମାମଲାରେ କାର୍ଯ୍ୟାନୁଷ୍ଠାନ ଲାଗି ଲାଞ୍ଚ ମାଗି ଅଡୁଆରେ ପଡିଛନ୍ତି। ଏନେଇ ଘଟଣା ପ୍ରଘଟ ହେବା ପରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ୧୨ଦିନ ପୂର୍ବେ ଉକ୍ତ ଥାନା ଅଞ୍ଚଳର ଜଣେ ନାବାଳିକା ଅପହରଣ ହୋଇଥିବା ନେଇ ମାମଲା ରୁଜୁ ହୋଇଥିଲା। ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନାବାଳିକା ପିତାଙ୍କଠାରୁ ଏଏସ୍ଆଇ ଜଣକ ୨ହଜାର ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏକ ଜମିବାଡ଼ି ମାମଲାର ସମାଧାନ କରିଦେବାକୁ ସେ ପ୍ରତିଶ୍ରୁତି ଦେଇ ବାରମ୍ବାର ଲୋକଙ୍କଠାରୁ ଲାଞ୍ଚ ନେଉଥିବା ମଧ୍ୟ ଅଭିଯୋଗ ହୋଇଛି।

## ଶ୍ରେଣୀଗୃହରେ ବସିବେ ସର୍ବାଧିକ ୨୫ ପିଲା

ତିହିଡ଼ି,୫।୧(ସ୍ୱ.ପ୍ର.)

ଭଦ୍ରକ ଜିଲା ତିହିଡ଼ି ସିଆର୍‌ଏସ୍ ହାଇସ୍କୁଲ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ତିହିଡ଼ି ଓ ଚାନ୍ଦବାଲି ବ୍ଲକର ସମସ୍ତ ପ୍ରଧାନଶିକ୍ଷକ ମାନଙ୍କର ଏକ ଜରୁରୀକାଳୀନ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ଯୋଗଦେଇ ଆସନ୍ତା ୮ତାରିଖ ଠାରୁ ହାଇସ୍କୁଲ ମାନଙ୍କରେ ୧୦ମ ଶ୍ରେଣୀର ପାଠ ପଢ଼ା ଆରମ୍ଭ ହେବାକୁ ଯାଉଥିବାରୁ ସମସ୍ତ ନୀତି ନିୟମ ସମ୍ପର୍କରେ ସଚେତନ କରିଥିଲେ। ପ୍ରଧାନଶିକ୍ଷକମାନେ ତୁରନ୍ତ କିପରି ସମସ୍ୟାର ସମାଧାନ କରି ପାରିବେ ସେଥିନେଇ ଆଲୋଚନା କରିଥିଲେ। ପ୍ରତ୍ୟେକ ଶ୍ରେଣୀରେ ସର୍ବାଧିକ ୨୫ଜଣ ପିଲା ବସିବେ। ସାମାଜିକ ଦୂରତ୍ୱକୁ ପ୍ରାଥମିକତା ଦେବା ସହିତ ସାନିଟାଇଜେସନକୁ ଗୁରୁତ୍ୱ ଦେଇ ପ୍ରଧାନଶିକ୍ଷକମାନଙ୍କୁ ସ୍କୁଲ ପରିଚାଳନା କରିବା ପାଇଁ ଜିଲା ଶିକ୍ଷାଧିକାରୀ କଡ଼ା ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏଥିରେ ଜିଲା ବିଜ୍ଞାନ ସଂଯୋଜକ ସରୋଜ କୁମାର ପ୍ରଧାନ, ତିହିଡ଼ି ବ୍ଲକ ଶିକ୍ଷାଧିକାରୀ ମଧୁସୁଦନ ଷେଣ୍ଢ ପ୍ରମୁଖ ଯୋଗଦେଇ କୋଭିଡ୍ ନିୟମକୁ ଅନୁପାଳନ କରିବା ପୂର୍ବକ ସ୍କୁଲ ପରିଚାଳନା ପାଇଁ ପ୍ରଧାନଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିହିଡ଼ି ସିଆରଏସ୍ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଜା ରମଣ ଜେନା, ମୁଖ୍ୟ କିରାଣୀ କୃତିବାସ ଜେନା, ପଞ୍ଚାନନ ଗୋଚ୍ଛାୟତ, ବଙ୍କିମ ନାୟକ, ବିଭୁତି ଭୂଷଣ ଜେନା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ଭୁଜାଲିରେ ହାଣି ଦୁର୍ବୃତ୍ତ ଫେରାର

ପଦ୍ମପୁର,୫।୧(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ରାଜଘରପୋଖରୀ ପଞ୍ଚାୟତ ଅନ୍ତର୍ଗତ ରାଇପୁର ଗ୍ରାମର ଜଣେ ନାବାଳକ ଓ ତାଙ୍କ ଭଉଣୀଙ୍କୁ ଜଣେ ଦୁର୍ବୃତ୍ତ ଭୁଜାଲିରେ ହାଣି ଫେରାର ହୋଇଯାଇଛନ୍ତି। ଏନେଇ ଆହତଙ୍କ ମା' ସଂଯୁକ୍ତା ବାରିକ ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସଂଯୁକ୍ତା ନିଜ ବାପଘର ଗୁଡ଼ ସୋରକୁ ଗତ ୩ ତାରିଖରେ ଯାଇଥିବା ବେଳେ ଘରେ ତାଙ୍କର ପୁଅ ଓ ଝିଅ ଥିଲେ। ଅଭିଯୁକ୍ତ ଜଣକ ତାଙ୍କର ଅନୁପସ୍ଥିତିରେ ସୁଯୋଗ ନେଇ ତାଙ୍କ ନାବାଳକ ପୁଅ ଓ ଝିଅଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଭୁଜାଲିରେ ଆକ୍ରମଣ କରିଥିଲେ। ଆହତ ଭଉଣୀ ଭାଇଙ୍କୁ ଗ୍ରାମବାସୀ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଫେବୃୟାରୀ ୧୧ରେ ବିଦେଇପୁର ସରପଞ୍ଚ ଉପନିର୍ବାଚନ

ବାସୁଦେବପୁର,୫।୧(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର ସରପଞ୍ଚ ସୁବ୍ରତ କୁମାର ରାୟଙ୍କ ଗତ ୧ ବର୍ଷ ପୂର୍ବେ ଅକାଳ ବିୟୋଗ ହେବା ପରେ ଏହି ପଞ୍ଚାୟତର ସରପଞ୍ଚ ପଦବୀ ଖାଲି ପଡ଼ିଥିଲା। ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ପଞ୍ଚାୟତର ସରପଞ୍ଚ ପଦବୀ ପୂରଣ ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନ କମିଶନଙ୍କ ଚିଠି ନଂ.୨୬/୪।୧।୨୦୨୧ ଆଧାରରେ ବିଦେଇପୁର ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଚଳିତ ବର୍ଷ ଫେବୃୟାରୀ ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଛି। ଚଳିତ ଜାନୁୟାରୀ ୧୩, ୧୫ ଓ ୧୮ ତାରିଖ ୩ ଦିନ ଧରି ନାମାଙ୍କନ ପତ୍ର ଦାଖଲ କରାଯିବାକୁ ଥିବା ବେଳେ ୨୧ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯିବ। ଫେବୃୟାରୀ ୧୨ ତାରିଖରେ ଫଳାଫଳ ପ୍ରକାଶ ପାଇବ। ଏନେଇ ପଞ୍ଚାୟତରେ ରାଜନୈତିକ ଉଷ୍ମତା ପ୍ରକାଶ ପାଇଛି।

## ମାଛ ଚୋରି ଅଭିଯୋଗରେ ନାବାଳକଙ୍କୁ ନିର୍ଯାତନା

ଜଳେଶ୍ୱର, ୫।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ପଶ୍ଚିମବାର୍ଡ଼ ଗ୍ରାମର ଜଣେ ୧୩ବର୍ଷର ନାବାଳକଙ୍କୁ ମାଛଚୋରି ଅଭିଯୋଗରେ ଅକଥନୀୟ ଅତ୍ୟାଚାର କରାଯାଇଛି। ତାଙ୍କୁ ନିସ୍ତୁକ ମାଡ଼ ମରାଯିବା ସହ ତାଙ୍କ ଚୁଟି କାଟି ଦିଆଯାଇଛି। ସମ୍ପୃକ୍ତ ନାବାଳକ ଜଳେଶ୍ୱର ଜିକେଭଟ୍ଟର ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ଖବରପାଇ ମଙ୍ଗଳବାର ଚାଇଲ୍ଡଲାଇନ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପଶ୍ଚିମବାର୍ଡ଼ ବଜାରରେ ଉକ୍ତ ନାବାଳକ ଏକ ମାଛଦୋକାନରେ କାମ କରୁଥିବା ବେଳେ ସେ ପାଖ ଦୋକାନରୁ ୨ଟି ମାଛ ଚୋରି କରିଦେଇଥିଲେ। ମାଛଦୋକାନୀ ଏହା ଜାଣିପାରି ଏହାର ଆପୋଷ ସମାଧାନ କରିଥିଲେ। ଏହି ଘଟଣା ଜଣାପଡିବା

**ହସ୍ପିଟାଲରେ ଚାଇଲ୍ଡଲାଇନ୍**

ପରେ ନାବାଳକଜଣଙ୍କ ପଡୋଶୀମାନଙ୍କ ଆକ୍ରୋଶର ଶିକାର ହୋଇଥିଲେ। ସେମାନେ ନାବାଳକଙ୍କୁ ଏକ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରି ଗୁରୁତର କରିପକାଇଥିବା ବେଳେ ତାଙ୍କ ମୁଣ୍ଡରୁ ଚୁଟି କାଟି ଦେଇଥିଲେ। ସ୍ଥାନୀୟ ଲୋକେ ଅଚେତ୍ ହୋଇପଡ଼ିଥିବା ବାଳକଙ୍କୁ ପ୍ରଥମେ ପଶ୍ଚିମବାର୍ଡ଼ ଡାକ୍ତରଖାନା ଓ ପରେ ଜଳେଶ୍ୱର ଜିକେଭଟ୍ଟର ହସ୍‌ପିଟାଲକୁ ସ୍ଥାନାନ୍ତର କରାଇଥିଲେ। ନାବାଳକଙ୍କ ମା' ଜଳେଶ୍ୱର ଥାନାରେ ଅଭିଯୋଗ କଲା ପରେ ଚାଇଲ୍ଡଲାଇନ୍‌ର ମୁଖ୍ୟ ପ୍ରଶାନ୍ତ ନାୟକ ମଙ୍ଗଳବାର ଅପରାହ୍ନରେ ଜଳେଶ୍ୱର ହସ୍‌ପିଟାଲରେ ପହଞ୍ଚି ଚିକିତ୍ସାଧୀନ ବାଳକଙ୍କ ଅବସ୍ଥା ପଚାରି ବୁଝିଥିଲେ।

## ତାଲିମ ଶିବିର ପରିଦର୍ଶନ କଲେ ଜିଲାପାଳ




ତାଲିମ ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ବନ୍ତ,୫।୧(ଡି.ଏନ୍.ଏ.)

ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାଶ ମଙ୍ଗଳବାର ବନ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଟସର ତିଆରି ତାଲିମ ଶିବିର ପରିଦର୍ଶନ କରିଥିଲେ। ଟସର ଲୁଗା ତିଆରି ସମ୍ପର୍କରେ ତାଲିମ ନେଇ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ନାବାର୍ଡ ଆନୁକୂଲ୍ୟରେ ତଥା ବୀଣାପାଣି ସଙ୍ଗୀତ ପରିଷଦ ସହଯୋଗରେ ଅନୁଷ୍ଠିତ ୨୪ ଦିନିଆ ଜୀବିକା ଉଦ୍ୟୋଗ ବିକାଶ ତାଲିମ ଶିବିରରେ ୩୫ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ତାଲିମ ନେଇଥିଲେ। ଜିଲାପାଳଙ୍କ ପରିଦର୍ଶନ ବେଳେ ଏ.ପି.ଡି(କ୍ରେଡିଟ୍) ରୂପାଲୀ ମହାପାତ୍ର, ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଏନ୍.ନାଗେଶ୍ୱର ରାଓ, ନାବାର୍ଡର ସହକାରୀ ମହା ପରିଚାଳକ ପ୍ରମୋଦ କୁମାର ବେହେରା, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ସଞ୍ଜୟ କୁମାର ବାରିକ, ବିଡିଓ ରେବେକା ବିଲୁଙ୍ଗ, ବ୍ଲକ ପ୍ରକଳ୍ପ ପରିଚାଳିକା ବୀଣାପାଣି ପଣ୍ଡା, ସରପଞ୍ଚ କୃପାସିନ୍ଧୁ ସେଠୀ, ବରଡ଼େଶ୍ୱରସ୍ଥିତ ବୀଣାପାଣି ସଙ୍ଗୀତ ପରିଷଦର ମୁଖ୍ୟ ସଂଯୋଜକ ପଦ୍ମଲୋଚନ ଦତ୍ତ ଉପସ୍ଥିତ ଥିଲେ ।

## ଏସ୍‌ପିଙ୍କ ଗାଡ଼ିକୁ ଧକ୍କା ଦେଲା ଟ୍ରକ୍

ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ, ୫।୧(ଡି.ଏନ୍.ଏ.)

୧୬ନଂ.ଜାତୀୟ ରାଜପଥର ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡ ନିକଟରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ସମୟରେ ଭଦ୍ରକ ଏସ୍‌ପି ଚରଣ ସିଂ ମିନାଙ୍କ ଗାଡ଼ିକୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ ଏସ୍‌ପିଙ୍କ ଗାଡ଼ି ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଉଭୟ ଏସ୍‌ପି ଓ ତାଙ୍କ ଡ୍ରାଇଭର ସୁରକ୍ଷିତ ରହିଛନ୍ତି। ଜାତୀୟ ରାଜପଥ ସଂପ୍ରସାରଣ ଲାଗି ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଏସ୍‌ପି

**ଚାଳକ ଅଟକ**

ମିନା ପାଣିକୋଇଲିରୁ ଭଦ୍ରକ ଯାଉଥିବା ସମୟରେ ଟ୍ରକ୍‌ଟି ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ରାଜପଥ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ବେପରୁଆ ଭାବେ ବିଭିନ୍ନ ସ୍ଥାନରେ ନିର୍ମାଣ କାର୍ଯ୍ୟ ଜାରି ରଖି ଆବଶ୍ୟକ ସତର୍କତା ଅବଲମ୍ବନ କରୁ ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ଚାଳକଙ୍କୁ ଥାନାରେ ଅଟକ ରଖିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିଲା।

## ୫ ଚୋରା ମାଙ୍ଗାନିଜ କ୍ୱାରି ଠାବ

କେନ୍ଦୁଝର, ୫।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ରେଞ୍ଜ ଅନ୍ତର୍ଗତ ସିଦ୍ଧମଠ ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ଚଢ଼ାଉ କରି ବେଆଇନ ଭାବେ ଖନନ ହେଉଥିବା ୫ ମାଙ୍ଗାନିଜ କ୍ୱାରି ଠାବ କରିବା ସହ ମାଙ୍ଗାନିଜ ଜବତ ହୋଇଛି। ଡିଏଫଓ ସ୍ୱୟମ ମଲିକଙ୍କ ଆଦେଶରେ ଅତିରିକ୍ତ ବନ ସଂରକ୍ଷକ ଏ.କେ.ସାହୁଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଉକ୍ତ ସ୍ଥାନରୁ ବହୁ ପରିମାଣରେ ମାଙ୍ଗାନିଜ ବାହାରକୁ ଚୋରା ଚାଲାଣ ହୋଇଥିବା ବେଳେ ଚଢ଼ାଉ ବେଳେ ୬କୁଇଣ୍ଟାଲ ମାଙ୍ଗାନିଜ ଜବତ ହୋଇଛି।

## ସେବା ସମବାୟ ସମିତି ସମ୍ପାଦକ ନିଲମ୍ବିତ

ଭୋଗରାଇ, ୫।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବାହାର୍ଦ୍ଦା ସେବା ସମବାୟ ସମିତିର ସମ୍ପାଦକ ବଳରାମ ଜେନାଙ୍କୁ ମଙ୍ଗଳବାର ନିଲମ୍ବନ କରାଯାଇଛି। ଅସ୍ଥାୟୀ ଭାବେ ଉକ୍ତ ସମିତିର ସହ ସମ୍ପାଦକଙ୍କୁ କାର୍ଯ୍ୟ ଭାର ଦିଆଯାଇଛି। ଏଥିସହିତ ସମିତିରେ କାର୍ଯ୍ୟରତ ଆରଏମ୍‌ସି କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହି ସମିତିରେ କୃଷକଙ୍କଠାରୁ ସରକାରୀ ଧାନମଣ୍ଡିରେ ଧାନ କ୍ରୟ ପାଇଁ ଓଜନ ଓ ମାପକଣ୍ଟାରେ କୁଇଣ୍ଟାଲ ପିଛା ୧୨ରୁ ୧୩କେଜି କମ୍ ରହିବାକୁ କେନ୍ଦ୍ର କରି ଚାଷୀମାନେ ଗତ ସୋମବାର ସମିତିରେ ତାଲା ପକାଇ ବିକ୍ଷୋଭ କରିଥିଲେ। ଅସାଧୁ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସନ୍ଧ୍ୟାରେ ରାସ୍ତାରୋକୋ

**ସହ ସମ୍ପାଦକଙ୍କୁ ଅସ୍ଥାୟୀ ଦାୟିତ୍ୱ**

କରିଥିଲେ। ମଙ୍ଗଳବାର ଏହି ଘଟଣାରେ ବାଲେଶ୍ୱର ସହକାରୀ ସିଏସ୍‌ଓ ଅଜୟ କୁମାର ମଲ୍ଲିକ, ଚନ୍ଦ୍ରଶେଖର ପଣ୍ଡା, ଏଆରସିଏସ୍ ସଦାନନ୍ଦ ବେହେରା, ଭୋଗରାଇ ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ବସନ୍ତ କୁମାର ଗିରି, ଆର୍‌ଏମ୍‌ସି ସମ୍ପାଦକ ବଳରାମ ଜେନା, ତହସିଲଦାର କମଳାକାନ୍ତ ପଣ୍ଡା, ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ବୋଲି ପ୍ରକାଶ କରିଥିଲେ। ଏବେ ସିସିଟିଭି ଲଗାଯିବା ସହିତ ଓଜନମାପ କଣ୍ଟାକୁ ଭେରିଫିକେଶନ ନିମନ୍ତେ ପଠାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଭାଜପା ତଦାରଖ କମିଟିର ମଣ୍ଡି ପରିଦର୍ଶନ

ଖଇରା, ୫।୧(ଡି.ଏନ.ଏ.)

ଭାଜପାର ତଦାରଖ ଟିମ୍ ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ପଦ୍ମଲୋଚନ ପଣ୍ଡା ନେତୃତ୍ୱରେ ଖଇରା ବ୍ଲକର ବିଭିନ୍ନ ମଣ୍ଡି ପରିଦର୍ଶନ କରିବା ଅବସରରେ ଚାଷୀଙ୍କୁ ହଇରାଣ କରାଯାଉଥିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସୋମବାର ପୂର୍ବତନ ମନ୍ତ୍ରୀଙ୍କ ସହ କମିଟି ସଦସ୍ୟ, ମହେଶ୍ୱର ନାଥ, ପରୀକ୍ଷିତ ମହାପାତ୍ର, ପତିତପାବନ କର, ରାଜେଶ କୁମାର ରାଉତ, ଶଙ୍କର୍ଷଣ ମାଝୀ, ଭରତ ମହାନ୍ତି, ଅଭୟ ମହାନ୍ତି, କୈଳାସ ମାଝି, ସନ୍ତୋଷ ଶତପଥି, ଦାମୋଦର ଦାସ ପ୍ରମୁଖ ହରିପୁର, ବର୍ଡନା, ଓସଙ୍ଗ, ମାଣିତ୍ରୀ, ଅନ୍ତରା ଓ ମଙ୍ଗଳବାର ପଳସା, ଗୋବିନ୍ଦପୁର ଆଦି ସେବା ସମିତିକୁ ଗସ୍ତ କରି ଧାନ କିଣା ଅନୁଧ୍ୟାନ କରିଛନ୍ତି। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଭାଜପା ନେତା ତଥା ତାଙ୍କ ସହ ଯାଇଥିବା ତଦାରଖ କମିଟି ପକ୍ଷରୁ ଚାଷୀ ସହୁଥିବା ଆର୍ଥିକ ବୋଝ ଉପରେ ଆଲୋକପାତ କରିଛନ୍ତି । ପ୍ରତ୍ୟେକ ସମିତିକୁ ପ୍ରତ୍ୟେକ କୁଇଣ୍ଟାଲ ପିଛା ୩୦ଟଙ୍କା ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବେଳେ ଏହା ଖରା ବର୍ଷାରୁ ରକ୍ଷା ପାଇଁ ଚାଷୀଙ୍କ ପାଇଁ ଟେଣ୍ଟ ନିର୍ମାଣ କରାଯିବା କଥା । ହେଲେ କୌଣସି ସମିତି ଏହା କରୁନାହାନ୍ତି । ସେହିଭଳି ପ୍ରତ୍ୟେକ ମିଲର ସମିତି ସମ୍ପାଦକ ଜରିଆରେ ଚାଷୀମାନଙ୍କୁ ଧାନ ଭର୍ତ୍ତି ପାଇଁ ଅଖା ବସ୍ତା ଦେବା କଥା । ୮ରୁ ୧୦ପ୍ରତିଶତ ପର୍ଯ୍ୟନ୍ତ କଟ୍‌ନି ଛଟନୀ କରାଯାଉଥିବାର ମଧ୍ୟ କହିଛନ୍ତି ।




ଅନ୍ତରା ସେବା ସମବାୟ ସମିତିରେ ତଦାରଖ କମିଟି।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ଖଇରା, ୫।୧(ଡି.ଏନ.ଏ.)

ପୂର୍ବ ଶତ୍ରୁତାକୁ ନେଇ ଖଇରା ଥାନା ଅଧୀନ ଡାଲଙ୍ଗ ଗ୍ରାମର କରୁଣାକର ପଣ୍ଡା(୪୫) କେତେକ ଦୁର୍ବୃତ୍ତଙ୍କ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। କରୁଣାକର ସୋମବାର ରାତିରେ ଗଣ୍ଡିବେଡରୁ ଡାଲଙ୍ଗସ୍ଥିତ ନିଜ ଘରକୁ ଯାଉଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ଆହତ କରୁଣାକର ବାଇକରୁ ତଳେ ପଡିଯିବା ପରେ ନିକଟରେ ଥିବା ଏକ ଘରକୁ ଟେକି ନେଇଯାଇ ହାତଗୋଡ ବାନ୍ଧି ପକାଇଥିଲେ। ଦୁର୍ବୃତ୍ତମାନେ ମୃତ ଭାବି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆହତ ପଣ୍ଡାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ତ୍ରୀ ଅନ୍ନପୂର୍ଣ୍ଣା ପଣ୍ଡା ଖଇରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

